# ଖବର

# ତାରିଖ: ୨୩.୦୪.୨୦୧୩

**● ସିଜ୍ ଫାୟାର୍‌କୁ ଶ୍ରେଷ୍ଠ ରିକ୍ରୁଟର ସମ୍ମାନ**

## ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ ଉଦ୍‌ଯାପିତ





ଭୁବନେଶ୍ୱର(ନିପ୍ର): ବିଆଇଆଇଟିଏମ୍‌ର ଦୁଇ ଦିନିଆ ବାର୍ଷିକ ଉତ୍ସବ ଜଶନ୍ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଜୁ ପଟ୍ଟନାୟକ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର୍ ଡଃ.ମିହିର ରଞ୍ଜନ ନାୟକ ଏବଂ ଇଷ୍ଟର୍ଣ୍ଣ ମିଡିଆ ଲିଃ.ର ପ୍ରୋଗ୍ରାମିଙ୍ଗ୍ ପରିଚାଳିକା ଇରା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷାର୍ଥୀଙ୍କ ମଧ୍ୟରୁ ଅମିତ ତିୱାରୀଙ୍କୁ ଶ୍ରେଷ୍ଠ ନିଯୁକ୍ତି ଲାଭ କରିଥିବା ଶିକ୍ଷାର୍ଥୀ ସମ୍ମାନ, କୌଶଳ ସିଂହ ତଥା ସୁମିତ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଶିକ୍ଷାର୍ଥୀ ସମ୍ମାନ ଏବଂ ଛାତ୍ରୀଙ୍କ ମଧ୍ୟରୁ ନତାଶାଙ୍କୁ ଶ୍ରେଷ୍ଠ ଶିକ୍ଷାର୍ଥୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ରେଷ୍ଠ ନିଯୁକ୍ତି ଦାତା କମ୍ପାନି ଭାବରେ ସିଜ୍ ଫାୟାରକୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଡିଜେ ମ୍ୟୁଜିକ୍ ଅନୁଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡଃ.ପି.କେ.ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ଶିକ୍ଷାନୁଷ୍ଠାନର ସଫଳତା ସମ୍ପର୍କରେ ଉପସ୍ଥିତ ଅତିଥିଙ୍କୁ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ ।